# Akashvani, Sambalpur

## SAMBALPURI NEWS EVENING BULLETIN

## 28 October 2025- 7.02 pm- 7.12 pm.

**********************************************

୧- ପ୍ରଧାନ୍‌ମନ୍ତ୍ରୀଙ୍କର୍ ଅଧ୍ୟକ୍ଷତାଥି ହେଇଥିବା କେନ୍ଦ୍ର କେବିନେଟ୍ ବୈଠକ୍‌ଥି ଅଷ୍ଟମ କେନ୍ଦ୍ରୀୟ ବେତନ କମିଶନ୍‌ର କାର୍ଯ୍ୟ ସର୍ତାବଳୀକେ ମିଲ୍‌ଲା ମଞ୍ଜୁରୀ ।

୨- ବାତ୍ୟା ମୋନ୍ଥା ଆଏଜ୍ ରାଏତ୍‌ତକ୍ ଆନ୍ଧ୍ରପ୍ରଦେଶ୍‌ର କାକିନାଡ଼ା ନ ସ୍ଥଲ୍‌ଭାଗ୍‌କେ ପୁହୁଁଚିବା ।

- ରାଏକେ ପ୍ରଭାବିତ୍ ହେବାର୍‌କେ ଥିବା ୮ ଟା ଜିଲ୍ଲା ନ ବ୍ୟାପକ୍ ତୟାରି ।

- ବାତ୍ୟା ବେଲ୍‌କେ ଶୂନ୍ୟ ମୃତ୍ୟୁ ଉପ୍‌ରେ ଦିଆଯାଉଛେ ଜୋର୍ - କହେଲେ ମୁଖ୍ୟମନ୍ତ୍ରୀ ।

ଆଉର୍

୩- ରାଜ୍ୟ ସର୍‌କାର୍ ଦୁର୍ନୀତି ବିରୋଧିଥି ଶୂନ୍ୟ ସହନଶୀଳ ନୀତି ଅପନଉଛନ୍ କହେଲେ ମୁଖ୍ୟମନ୍ତ୍ରୀ ।

କେନ୍ଦ୍ର କେବିନେଟ୍- ଅଷ୍ଟମ ବେତନ କମିଶନ ଏନ୍ଏସ୍ଡି

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର୍ ଅଧ୍ୟକ୍ଷତାଥି ଆଏଜ୍ ହେଇଥିବା କେନ୍ଦ୍ର କେବିନେଟ୍ ବୈଠକ୍‌ଥି ଅଷ୍ଟମ କେନ୍ଦ୍ରୀୟ ବେତନ କମିଶନ୍‌ର କାର୍ଯ୍ୟ ସର୍ତାବଲୀକେ ଅନୁମୋଦନ୍ ମିଲିଛେ । ଇ ବାବ୍‌ଦେ ସୂଚ୍‌ନା ଦେଇକରି କେନ୍ଦ୍ର ସୂଚନା ଆଉ ପ୍ରସାରଣ୍ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ୍ କହିଛନ୍, କମିଶନ୍ ଗଠନ୍ ହେବାର୍ ୧୮ ମାସ୍ ଭିତ୍‌ରେ ସର୍‌କାର୍‌ଙ୍କୁ ପରାମର୍ଶ ଦେବେ । କମିଶନ୍‌ଥି ସୁପ୍ରିମ୍‌କୋର୍ଟର ଆଘର୍ ବିଚାର୍‌ପତି ଜଷ୍ଟିସ୍ ରଞ୍ଜନ୍ ପ୍ରକାଶ୍ ଦେଶାଇ ଅଧ୍ୟକ୍ଷ, ଆଇଆଇଏମ୍ ବେଙ୍ଗାଲୁରୁର ପ୍ରଫେସର୍ ପୁଲକ୍ ଘୋଷ୍ ଅସ୍ଥାୟୀ ସଦସ୍ୟ ଆଉ ପେଟ୍ରୋଲ୍ ଆଉ ପ୍ରାକୃତିକ ଗେସ୍ ବିଭାଗ ସଚିବ ପଙ୍କଜ୍ ଜୈନ୍ ସମ୍ପାଦକ ସଦସ୍ୟ ରହେବେ ବଲି ଶ୍ରୀ ବୈଷ୍ଣବ୍ କହିଛନ୍ । ସେନ୍ତା ୨୦୨୫-୨୬ ରବି ଋତୁର୍ ଲାଗି ଫସ୍‌ଫେଟ୍ ଆଉ ପଟାସ୍ ସାର୍ ଉପ୍‌ରେ ୩୭ ହଜାର୍ ୯ ଶହ ୫୨ କୋଟି ଟଙ୍କା ରିହାତି ଦେବାର୍‌କେ କେନ୍ଦ୍ର କେବିନେଟ୍ ଅନୁମୋଦନ୍ କରିଥିବା ଶ୍ରୀ ବୈଷ୍ଣବ୍ କହିଛନ୍ ।

ବାତ୍ୟା- ପାଣିପାଗ କେନ୍ଦ୍ର ଆର୍‌ଏନ୍‌ୟୁ/ ସମ୍ବଲପୁର

ଦକ୍ଷିଣ ପଶ୍ଚିମ ଆଉ ତାର୍ ପାଖର୍ ପଶ୍ଚିମ କେନ୍ଦ୍ରୀୟ ବଙ୍ଗୋପ୍‌ସାଗର୍ ନ ହେଇଥିବା ବାତ୍ୟା ମୋନ୍ଥା ଆଉ କିଛି ଘଂଟା

ଉତ୍ରୁ ଆନ୍ଧ୍ରପ୍ରଦେଶ୍ର ମଛଲିପଟନମ୍ ଆର୍ କଲିଙ୍ଗ ପଟନମ୍ ଭିତ୍ରେ କାକିନାଡ଼ା ଠାନେ ସ୍ଥଲ୍ଭାଗ୍କେ ପୁହୁଁଚିବା । ଇଛେନ୍ତକ୍ ବାତ୍ୟା ଗୋପାଲ୍ପୁର୍ ନୁ ପାଖାପାଖି ୪ ଶହ ୮୦ କିଲୋମିଟର୍ ଆଉ ଆନ୍ଧ୍ରପ୍ରଦେଶ୍ର କାକିନାଡ଼ା ଠାନୁ ଶହେ ୯୦ କିଲୋମିଟର୍ ଦୂରେ ରହିଛେ । ଘଂଟାକ ୧୨ କିଲୋମିଟର୍ ଗତିଥି ବାତ୍ୟା ଆଗ୍କେ ବଢୁଛେ । ବାତ୍ୟା ମୋନ୍ଥା କାକିନାଡ଼ାକେ ପୁହୁଁଚିଲା ବେଲ୍କେ ଘଂଟାକ ୯୦ ନୁ ଶହେ ୧୦ କିଲୋମିଟର୍ ବେଗଥି ପବନ୍ ବୁହିବା ବଲି ଭୁବ୍ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍ଫୁ କୁହାଯାଇଛେ । ଇ ବାବ୍ଦେ କେନ୍ଦ୍ରର୍ ନିର୍ଦ୍ଦେଶିକା ଡକ୍ଟର୍ ମନୋରମା ମହାନ୍ତି କହିଛନ୍...

(ଭଏସ୍ ଓଭର୍- ମନୋରମା ମହାନ୍ତି)

ବାତ୍ୟାର୍ ପ୍ରଭାବ୍ଥି ରାଜ୍ୟର୍ କଲାହାଣ୍ଡି, କନ୍ଧମାଲ୍, କୋରାପୁଟ୍, ନବରଙ୍ଗ୍ପୁର୍, ମାଲ୍କାନ୍ଗିରି, ରାୟଗଡ଼ା, ଗଜପତି ଆଉ ଗଞ୍ଜାମ୍ ଜିଲ୍ଲା ନ ଜବର୍ ବର୍ଷା ଲାଗି ରହିଛେ । ଇତାର୍ ସହେତେ ଦକ୍ଷିଣ ଆଉ ସମୁଦ୍ର ଖଁଡ଼ି ଇଲାକାର୍ ୧୧ ଟା ଜିଲ୍ଲା ନ ବର୍ଷା ମୁଲ୍ ହେଇଯାଇଛେ ।

ମୁଖ୍ୟମନ୍ତ୍ରୀ ବାତ୍ୟା ସମୀକ୍ଷା          ଭୁବ୍ନେଶ୍ୱର୍ ସମ୍ବାଦଦାତା

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଭୁବ୍ନେଶ୍ୱର୍ ଲୋକ୍ସେବା ଭବନ୍ ନ ଆଏଜ୍ ବାତ୍ୟା ମୋନ୍ଥାର୍ ମୁକାବିଲା

ଆଉ ପ୍ରଶାସନ୍‌ର ତୟାରିକେ ନେଇକରି ହେଇଥିବା ଉଚ୍ଚସ୍ତରୀୟ ବୈଠକ୍‌ଥି ସମୀକ୍ଷା କରିଛନ୍ । ସମୀକ୍ଷା ବୈଠକ୍ ଉତ୍‌ରୁ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍, ବାତ୍ୟା ସମିଆଥି ଶୂନ୍ୟ ମୃତ୍ୟୁ ଉପ୍‌ରେ ଜୋର୍ ଦିଆଯାଉଛେ । ଇଥିର୍‌ଲାଗି ସବୁ ବାଗିର ବ୍ୟବସ୍ଥା କରାଯାଇଛେ । ଜହ ପ୍ରଭାବିତ୍ ହେବାର୍‌କେ ଥିବା ୮ ଟା ଜିଲ୍ଲା ନ ଏବ୍‌ତକ୍ ୧୧ ହଜାର୍ ୩ ଶହ ୯୬ ଝନ୍‌କୁ ସୁରକ୍ଷିତ୍ ଜାଗାକେ ନିଆଯାଇଛେ । ଦର୍‌କାର୍ ପଡ଼୍‌ଲେ ଆଉ ୩୦ ହଜାର୍‌ନୁ ଅଏତ୍‌କା ଲୁକ୍‌କୁ ନିରାପଦ୍ ଜାଗାକେ ନିଆଯିବା । ବାତ୍ୟା ଆଉ ତାର୍ ଉତ୍‌ରର୍ ଉଦ୍ଧାର୍ କାମ୍ ଲାଗି ଶହେ ୨୩ ଟା ଅଗ୍ନିଶମ, ୩୦ ଟା ଓଡ୍ରାଫ୍ ଆଉ ୫ ଟା ଏନ୍‌ଡିଆରଏଫ୍ ଦଲ୍ ମୁତୟନ୍ କରାଯାଇଛେ । ପ୍ରଭାବିତ୍ ଇଲାକା ନ ଲୁକ୍‌କର୍ ଲାଗି ରନ୍ଧା ଆଉ ଶୁଖା ଖାଏବାର୍ ଦରବ୍‌ର ବ୍ୟବସ୍ଥା କରାଯାଇଛେ ବଲି ମୁଖ୍ୟମନ୍ତ୍ରୀ କହିଛନ୍ ।

(ଭଏସ୍ ଓଭର୍- ମୁଖ୍ୟମନ୍ତ୍ରୀ)

ପବନ୍ କି ବର୍ଷା ଲାଗି ବିଦ୍ୟୁତ୍ ଯୋଗାଯୋଗ ବିଚ୍ଛିନ୍ନ ହେଲେ ତୁର୍‌ତି ସାଜ୍‌ବାର୍ ଲାଗି ଉପମୁଖ୍ୟମନ୍ତ୍ରୀ କନକ୍ ବର୍ଦ୍ଧନ୍ ସିଂହଦେଓ - ଶକ୍ତିବିଭାଗ୍‌ର ଅଧିକାରୀ ମାନ୍‌କୁ ନିର୍ଦ୍ଦେଶ୍ ଦେଇଛନ୍ ।

ବାତ୍ୟାର୍ ପ୍ରଭାବ୍ ଶେଷ୍ ହେବାର୍ ୪୮ ଘଂଟା ଭିତ୍ରେ ବିଦ୍ୟୁତ୍ ଯୋଗାଯୋଗ୍ ସ୍ୱାଭାବିକ୍ କର୍ବାର୍ ଲାଗି ସବୁ ବ୍ୟବସ୍ଥା କରାଯାଇଛେ ବଲି ଉପମୁଖ୍ୟମନ୍ତ୍ରୀ କହିଛନ୍ ।

ସେଆଡ଼େ ରାଜସ୍ୱ ଆଉ ବିପର୍ଯ୍ୟୟ ପରିଚାଲନା ମନ୍ତ୍ରୀ ସୁରେଶ୍ ପୂଜାରୀ ପ୍ରଭାବିତ୍ ଜିଲ୍ଲାର୍ ଜିଲ୍ଲାପାଲ୍‌ମାନ୍‌କୁ ନିଜର୍ ନିଜର୍ ସ୍ତର୍‌ଥି ସବୁ ରକ୍‌ମର୍ ତୟାରି କର୍‌ବାର୍‌କେ ପରାମର୍ଶ ଦିଆଯାଇଛେ ବଲି କହିଛନ୍ ।

ବାତ୍ୟା- ରେଲ୍‌ମନ୍ତ୍ରୀ ସମୀକ୍ଷା ପିଆଇବି

ବାତ୍ୟା ସମିଆଥି ରେଲ୍‌ଯାତ୍ରୀଙ୍କର୍ ସୁରକ୍ଷାକେ ନଜରଥି ରଖିକରି ରେଲ୍‌ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ୍ ଆଭାସୀ ଜରିଏ ସମୀକ୍ଷା ବୈଠକ୍ କରିଛନ୍ । ଯାତ୍ରୀଙ୍କର୍ ସୁରକ୍ଷା ସୁନିର୍ଶ୍ଚିତ୍ କର୍‌ବାର୍, ଯୋଗାଯୋଗ ଜାରି ରଖିବାର୍ ଆଉ ବିପର୍ଯ୍ୟୟ ମୁକାବିଲା ଦଲ୍‌ମାନ୍‌କୁ ଆଘୋନୁ ନିୟୋଜିତ୍ କର୍‌ବାର୍ ଉପ୍‌ରେ କେନ୍ଦ୍ରମନ୍ତ୍ରୀ ଜୋର୍ ଦେଇଛନ୍ । ବାତ୍ୟା ଉତ୍‌ରୁ ରେଲ୍‌ସେବାକେ ତୁର୍‌ତି ସ୍ୱାଭାବିକ୍ କର୍‌ବାର୍ ଲାଗି ବିଭାଗୀୟ ଅଧିକାରୀମାନ୍‌କୁ ନିର୍ଦ୍ଦେଶ୍ ଦେଇଛନ୍ । ସେଆଡ଼େ ବାତ୍ୟା ସମିଆଥି ପୂର୍ବତଟ ରେଲ୍‌ବାଇ ତର୍‌ଫୁ ୪୨ ଟା ଟ୍ରେନ୍‌କେ ବାତିଲ୍ କରାଯାଇଥିବାର୍ ବେଲେ ୨ ଟାର୍ ରାସ୍ତା ବଦ୍‌ଲାଯାଇଛେ । ସେନ୍ତା ୮ ଟା ଟ୍ରେନ୍‌ର ସମିଆ ବଦ୍‌ଲାଯାଇଛେ । ଆଏଜ୍ କୋଣାର୍କ ଏକ୍ସପ୍ରେସ୍‌କେ

ବାତିଲ୍ କରାଯାଇଛେ । ବାତ୍ୟା ସମିଆଥି ଲୁକ୍‌କୁ ସାହାଜ୍ କର୍‌ବାର୍‌କେ ରେଲ୍‌ବାଇ ତର୍‌ଫୁ ହେଲ୍ପଲାଇନ୍ ନମ୍ବର୍ ଜାରି କରାଯାଇଛେ ।

ବାତ୍ୟା- କଲାହାଣ୍ଡି        କଲାହାଣ୍ଡି ସମ୍ବାଦଦାତା

ବାତ୍ୟାର୍ ପ୍ରଭାବ୍‌ଥି କଲାହାଣ୍ଡି ଜିଲ୍ଲା ନ ପାଗ୍ ମେଘୁଆ ଥିବାର୍ ସହେତେ କେତେ ଜାଗା ନ ବର୍ଷା ଲାଗି ରହିଛେ । ବାତ୍ୟାକେ ନେଇକରି ଜିଲ୍ଲା ପ୍ରଶାସନ୍ ତର୍‌ଫୁ ଶହେ ୧୭ ଟା ଗାଁକେ ବନ୍ୟା ପ୍ରଭାବିତ୍ ଇଲାକା ଭାବେ ଚିହ୍ନଟ୍ କରାଯାଇଛେ । ଜିଲ୍ଲା ନ ୯୬ ଟା ଅସ୍ଥାୟୀ ବନ୍ୟା ଆଶ୍ରୟସ୍ଥଳୀ ଆଉ ୪ ଟା ବହୁମୁଖୀ ଆଶ୍ରୟସ୍ଥଳୀର୍ ବ୍ୟବସ୍ଥା କରାଯାଇଛେ । ପ୍ରଭାବିତ୍ ହେବାର୍‌କେ ଥିବା କଲମ୍‌ପୁର୍ ବ୍ଲକ୍‌ର ନଏଦ୍‌ଖଁଡ଼ି ଗାଁ ମାନ୍‌କେ ଡାକ୍‌ବାଜି ଯନ୍ତ୍ର ଜରିଏ ଲୁକ୍‌କୁ ସଚେତନ୍ କରାଯାଉଛେ । ଭବାନୀପାଟ୍‌ନା ନ ଅଗ୍ନିଶମ ବିଭାଗ୍‌କେ ସତର୍କ ରଖାଯାଇଛେ । ଭବାନୀପାଟ୍‌ନା, ଥୁଆମୁଲ୍ ରାମ୍‌ପୁର୍ ଆଉ ଧର୍ମଗଡ୍ ଠାନେ ଓଡ୍ରାଫ୍ ଟିମ୍ ନିୟୋଜିତ୍ ଅଛନ୍ । ଧନ୍‌ଜୀବନ୍ ସୁରକ୍ଷାର୍ ଲାଗି ଜିଲ୍ଲା ପ୍ରଶାସନ୍ ତର୍‌ଫୁ ସବୁ ତୟାରି କରାଯାଇଛେ ବଲି ଜିଲ୍ଲାପାଲ୍ ପାୱାର୍ ସଚିନ୍ ପ୍ରକାଶ୍ କହିଛନ୍ ।
(ଭଏସ୍ ଓଭର୍- ଜିଲ୍ଲାପାଲ୍)

ଦୁର୍ନୀତି ନିବାରଣ୍ ସପ୍ତାହ-ମୁଖ୍ୟମନ୍ତ୍ରୀ     ଭୁବ୍‌ନେଶ୍ୱର୍

ସମ୍ବାଦଦାତା

ରାଜ୍ୟ ସର୍‌କାର୍ ଦୁର୍ନୀତି ବିରୋଧିଥି ଶୂନ୍ୟ ସହନଶୀଳ ନୀତି ଅପନଉଛନ୍ ବଲି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ କହିଛନ୍ । ଭୁବ୍‌ନେଶ୍ୱର୍ ଲୋକ୍‌ସେବା ଭବନ୍ ଠାନେ ହେଇଥିବା ରାଜ୍ୟସ୍ତରୀୟ ଦୁର୍ନୀତି ନିବାରଣ୍ ସଚେତନତା ସପ୍ତାହ-୨୦୨୫ ସମାରୋହଥି ଯୋଗ୍ ଦେଇକରି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍, ଦୁର୍ନୀତି ସମାଜ୍‌ର ବିକାଶ୍‌ଥି ବାଧା ଦେସି । ରାଏଜେ ଦୁର୍ନୀତି ଶେଷ୍ କର୍‌ବାର୍ ଲାଗି ଦୁର୍ନୀତି ନିବାରଣ୍ ବିଭାଗ୍ ଫଟିକ୍ ଭାବେ କାମ୍ କରୁଛେ । ଇ ଅବ୍‌ସରେ ମୁଖ୍ୟମନ୍ତ୍ରୀ ଅଧିକାରୀମାନ୍‌କୁ ଶପଥ୍ ପାଠ୍ କରେଇଥିଲେ । କାର୍ଯ୍ୟକ୍ରମ୍‌ଥି ସବୁନୁ ଭଲ୍ ଦୁର୍ନୀତି ନିବାରଣ୍ ଡିଭିଜନ୍ ଭାବେ କଟକ୍ ଡିଭିଜନ୍, ସବୁନୁ ଭଲ୍ ୟୁନିଟ୍ ଭାବେ ସୁବର୍ଣ୍ଣପୁର୍ ୟୁନିଟ୍, ତଦନ୍ତକାରୀ ଅଧିକାରୀ ପୁରୁଷ ବର୍ଗଥି ମନୋରଞ୍ଜନ୍ ପାଇକ୍‌ରାୟ ଆଉ ମହିଳା ବର୍ଗଥି ପ୍ରଣିତା ରାୟ ଆଉ ସବୁନୁ ଭଲ୍ ସର୍‌କାରୀ ଓକିଲ୍ ଭାବେ ବ୍ରହ୍ମପୁର୍‌ର ସୁରେନ୍ଦ୍ର ପଣ୍ଡାଙ୍କୁ ପୁରସ୍କୃତ କରାଯାଇଛେ ।

ଦୁର୍ନୀତି ନିବାରଣ୍ ସଚେତନତା ସପ୍ତାହ-୧/ସମ୍ବଲପୁର

ସମ୍ବାଦଦାତା

ସମ୍ବଲ୍‌ପୁର୍ ଭିଜିଲାନ୍ସ ବିଭାଗ୍ ତର୍‌ଫୁ ଦୁର୍ନୀତି ନିବାରଣ୍ ସଚେତନତା ସପ୍ତାହ ଅବ୍‌ସରେ ଆଏଜ୍ ଗୁଟେ ସଚେତନତା ଶୋଭାଯାତ୍ରା ହେଇଯାଇଛେ । ଶୋଭାଯାତ୍ରା ଜିଲ୍ଲାସ୍କୁଲ୍ ଛକ୍‌ନୁ ବାହାରିକରି ଗୋଲ୍‌ବଜାର୍‌ତକ୍ ଯାଇଥିଲା । ଇ ଅବ୍‌ସରେ ଛାତ୍ରଛାତ୍ରୀମାନେ ପ୍ଲାକାର୍ଡ଼ ଧରିକରି ସଚେତନତା ବାର୍ତା ଦେଇଥିଲେ ।

ନୂଆପଡ଼ା -ଉପ ନିର୍ବାଚନ ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ବିଧାନ୍‌ସଭା ଉପ ନିର୍ବାଚନ୍ ଦିନ୍ ପାଖିକେ ଆସ୍‌ବାର୍ ସହେତେ ଜିଲ୍ଲା ନ ରାଜନୈତିକ୍ ପାଣିପାଗ୍ ସର୍‌ଗରମ୍ ରହିଛେ । ଭୋଟର୍ ମାନ୍‌କର୍ ବିଶ୍ୱାସ୍ ଜିତ୍‌ବାର୍ ଲାଗି ପ୍ରାର୍ଥୀମାନେ ଜୋର୍‌ଦାର୍ ଚେରେଷ୍ଟା ଚଲେଇଛନ୍ । ତିନ୍‌ହି ମୁଖିଆ ରାଜନୈତିକ୍ ଦଲର୍ ପ୍ରାର୍ଥୀ ଆଉ ନେତାମାନ୍‌କର୍ ସହେତେ ସ୍ୱାଧୀନ୍ ପ୍ରାର୍ଥୀମାନେ ଭିଲ୍ ପ୍ରଚାର୍ ଅଭିଯାନ୍‌ଥି ଲାଗିପଡ଼ିଛନ୍ । ବିଜେପି ପ୍ରାର୍ଥୀ ଜୟ ଢୋଲ୍‌କିଆଙ୍କର୍ ଲାଗି ଆଏଜ୍ ଜଙ୍ଗଲ୍ ଆଉ ପରିବେଶ୍ ମନ୍ତ୍ରୀ ଗଣେଶ୍‌ରାମ୍ ସିଂ ଖୁଂଟିଆ ପ୍ରଚାର୍ କରିଛନ୍ । ଜିଲ୍ଲାର୍ କୋମ୍‌ନା ବ୍ଲକ ରଜନା ଗାଁ ନ ନିର୍ବାଚନୀ ସଭାଥି ଯୋଗ୍ ଦେଇକରି ମନ୍ତ୍ରୀ ଶ୍ରୀ ଖୁଂଟିଆ ବିସ୍ଥାପିତ ମାନ୍‌କର୍ ସମସ୍ୟା ବାବ୍‌ଦେ ଆଲୋଚନା କରିଛନ୍ । ଇ ଅବ୍‌ସରେ ସାଂସଦ୍ ମାଳବିକା ଦେବୀ ଭିଲ୍

ଉପସ୍ଥିତ୍ ଥିଲେ । ସେଆଡ଼େ ବିଜେଡ଼ି ପ୍ରାର୍ଥୀ ସ୍ନେହାଙ୍ଗିନୀ ଛୁରିଆ କୋମ୍ନା ବ୍ଲକ୍ର ୭ ଟା ଗାଁ ନ ନିର୍ବାଚନ୍ ପ୍ରଚାର୍ କରିକରି ଆଘର୍ ସର୍କାର୍ଙ୍କର୍ ବିକାଶ୍ ବାବ୍ଦେ ଲୁକ୍କୁ କହିଛନ୍ । କଂଗ୍ରେସ୍ ତର୍ଫୁ ଭିଲ୍ ଦଲର୍ ପ୍ରାର୍ଥୀ ଘାଁସିରାମ୍ ମାଝୀଙ୍କର୍ ଲାଗି ଆଏଜ୍ କୋମ୍ନା ବ୍ଲକ୍ର ପେଣ୍ଡ୍ରାବନ୍ଧ, ଧରମ୍ସାଗର, ହରିପୁର ସହେତେ ଭିନ୍ ଭିନ୍ ଗାଁ ନ ଦଲର୍ ନେତାମାନେ ପ୍ରଚାର୍ କରିଥିଲେ ।

ଲୋକସମ୍ପର୍କ ଅଧିକାରୀ ଗସ୍ତ ବୌଦ୍ଧ ସମ୍ବାଦଦାତା

ସୂଚନା ଆଉ ଲୋକସମ୍ପର୍କ ବିଭାଗ୍ର ଉତରାଂଚଲ ଉପନିର୍ଦ୍ଦେଶିକା କଲ୍ୟାଣୀ ଦାସ ଆଏଜ୍ ଦିନ୍କିଆ ବୌଦ୍ଧ ଗସ୍ତ କରିଛନ୍ । ଇ ଅବ୍ସରେ ଶ୍ରୀମତୀ ଦାସ ଜିଲ୍ଲା ସୂଚନା ଆଉ ଲୋକସମ୍ପର୍କ ବିଭାଗ୍ କାର୍ଯ୍ୟାଳୟ ଆଉ ଜିଲ୍ଲା ପାଠାଗାର୍ ପରିଦର୍ଶନ୍ କରିଛନ୍ । ପାଠାଗାର୍ର ନଥିପତ୍ରର୍ ତଦାରଖ୍ କରିକରି ସୁବିଧା ଅସୁବିଧା ବୁଝିଛନ୍ । ପରିସର୍ ନ ଖାଲି ଥିବା ଜାଗା ନ ଇ ଲାଇବ୍ରେରୀ ଥାପ୍ନା ଲାଗି ସର୍କାର୍ଙ୍କୁ ପ୍ରସ୍ତାବ୍ ଦେବାର୍କେ ଜିଲ୍ଲା ଅଧିକାରୀମାନେ ଶ୍ରୀମତୀ ଦାସ୍ଙ୍କୁ ନିବେଦନ୍ କରିଛନ୍ ।

ସର୍ଦ୍ଦାର୍ ବଲ୍ଲଭ୍ ଭାଇ ପଟେଲ ଜୟନ୍ତୀ ଦେବ୍ଗଡ଼୍ ସମ୍ବାଦଦାତା

ସର୍ଦ୍ଦାର୍ ବଲ୍ଲଭ୍ ଭାଇ ପଟେଲ୍ଙ୍କର୍ ଶହେ ୫୦ ନମ୍ବର୍ ଜୟନ୍ତୀ ସମାରୋହ ଦେବ୍‌ଗଡ୍ ଜିଲ୍ଲା ନ ଆଏବା ୩୧ ତାରିଖ୍‌ନୁ ନଭେମ୍ବର୍ ୨୫ ତାରିଖ୍‌ତକ୍ ପାଲନ୍ କରାଯିବା । ଇ ଅବ୍‌ସରେ ଏକତା ପଦଯାତ୍ରା କାର୍ଯ୍ୟକ୍ରମ୍ ହେବା । ଇତାର୍‌ସହେତେ ଭିନ୍ ଭିନ୍ ପ୍ରତିଯୋଗିତାମାନ୍ ଭିଲ୍ କରାଯିବା ବଲି ଜିଲ୍ଲାପାଲ୍ କବିନ୍ଦ୍ର କୁମାର୍ ସାହୁଙ୍କର୍ ଅଧ୍ୟକ୍ଷତାଥି ହେଇଥିବା ପ୍ରସ୍ତୁତି ବୈଠକ୍‌ଥି ସୂଚ୍‌ନା ଦିଆଯାଇଛେ ।

ଜିଲ୍ଲାପାଲ୍ ସମୀକ୍ଷା        ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ଜିଲ୍ଲାପାଲ୍ ବିଭୂତି ଭୂଷଣ୍ ନାୟକ୍ ଆଏଜ୍ କଂଟାମାଲ୍ ବ୍ଲକ୍‌କେ ଯାଇକରି ଭିନ୍ ଭିନ୍ ଶିକ୍ଷାନୁଷ୍ଠାନ୍ ଆଉ ଶୀତଳୀକରଣ୍ କାର୍‌ଖାନା ପରିଦର୍ଶନ୍ କରିଛନ୍ । ଇତାର୍‌ସହେତେ ଭିନ୍ ଭିନ୍ ଉନ୍ନୟନ୍ କାମ୍‌ର ସମୀକ୍ଷା କରିଛନ୍ । ଇ ଅବ୍‌ସରେ ମୁଖ୍ୟ ଉନ୍ନୟନ୍ ଅଧିକାରୀ, କଂଟାମାଲ୍ ବିଡ଼ିଓ ଆଉ ଅଲ୍‌ଗା ଅଧିକାରୀମାନେ ଉପସ୍ଥିତ୍ ଥିଲେ ।